# ସ୍ନାତକ ଡିଗ୍ରୀ କାର୍ଯ୍ୟକ୍ରମ

BSHF-101
ବି.ଏସ୍.ଏଚ୍.ଏଫ୍-୧୦୧

(ବିଡିପି)

## ଆସାଇନ୍‌ମେଣ୍ଟ (ପ୍ରଦତ୍ତ କାର୍ଯ୍ୟ)

(ଜୁଲାଇ ୨୦୧୬ ଏବଂ ଜାନୁୟାରୀ ୨୦୧୭ ଶିକ୍ଷାବର୍ଷ ନିମନ୍ତେ)

## କୋର୍ସକୋଡ : ବି.ଏସ୍.ଏଚ. ଏଫ୍-୧୦୧

## ମାନବତା ଏବଂ ସାମାଜିକ ବିଜ୍ଞାନର ଭିତ୍ତିକ ପାଠ୍ୟକ୍ରମ

ignou
THE PEOPLE'S
UNIVERSITY


ସାମାଜିକ ବିଜ୍ଞାନ ବିଦ୍ୟାପୀଠ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ

ମଇଦାନ ଗଡି, ନୂଆଦିଲ୍ଲୀ-୧୧୦୦୬୮

(୨୦୧୭)

## (ପ୍ରଦତ୍ତ କାର୍ଯ୍ୟ)

## ୨୦୧୬-୨୦୧୭

ପ୍ରିୟ ଶିକ୍ଷାର୍ଥୀ,

ସ୍ନାତକ ଡିଗ୍ରୀ କାର୍ଯ୍ୟକ୍ରମର କାର୍ଯ୍ୟକ୍ରମ ମାର୍ଗଦର୍ଶିକା ଅନୁଯାୟୀ ଆପଣଙ୍କୁ ଏହି ପାଠ୍ୟକ୍ରମ ପାଇଁ ଗୋଟିଏ ଟ୍ୟୁଟର ମାର୍କଡ ଆସାଇନ୍‌ମେଣ୍ଟ (କାଉନସେନଲରମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯାଉଥିବା ଆସାଇନ୍‌ମେଣ୍ଟ କରିବାକୁ ହେବ ।

ପ୍ରଦତ୍ତ କାର୍ଯ୍ୟର ଉତ୍ତର ଲେଖିବା ପୂର୍ବରୁ, ମାର୍ଗଦର୍ଶିକାରେ ଦର୍ଶାଯାଇଥିବା ସୂଚନାକୁ ଅଧ୍ୟନ କରନ୍ତୁ ।

| ଆସାଇନ୍‌ମେଣ୍ଟ ନମ୍ବର | ଦାଖଲର ଶେଷ ତାରିଖ | କେଉଁଠିକୁ ପଠାଇବେ |
|---|---|---|
| ଆସାଇନ୍‌ମେଣ୍ଟ-୧ (ଟି.ଏମ୍.ଏ) ଜୁଲାଇ-୨୦୧୬ ଶିକ୍ଷାବର୍ଷର ଶିକ୍ଷାର୍ଥୀମାନଙ୍କ ପାଇଁ | ୩୧.୦୩.୨୦୧୭ | ଆପଣଙ୍କ ଅଧ୍ୟୟନ କେନ୍ଦ୍ରର ସଂଯୋଜକ |
| ଆସାଇନ୍‌ମେଣ୍ଟ-୧ (ଟି.ଏମ୍.ଏ) ଜାନୁୟାରୀ ୨୦୧୭ ଶିକ୍ଷାବର୍ଷର ଶିକ୍ଷାର୍ଥୀମାନଙ୍କ ପାଇଁ | ୩୦.୦୯.୨୦୧୭ | ଆପଣଙ୍କ ଅଧ୍ୟୟନ କେନ୍ଦ୍ରର ସଂଯୋଜକ |

ପ୍ରଶ୍ନର ଉତ୍ତର କରିବା ପୂର୍ବରୁ ନିମ୍ନୋକ୍ତ ମାର୍ଗ ସୂଚନାକାରୀ ନିୟମଗୁଡିକୁ ପଢନ୍ତୁ ।

### ଆସାଇନ୍‌ମେଣ୍ଟ ଲେଖିବା ପାଇଁ ମାର୍ଗସୂଚନା

ଆସାଇମେଣ୍ଟର ଉତ୍ତର ଲେଖିବା ପୂର୍ବରୁ ନିମ୍ନ ନିୟମଗୁହିକୁ ମନେ ରଖନ୍ତୁ । ପ୍ରଶ୍ନର ଉତ୍ତର ଲେଖିବା ବେଳେ (କ) ଯୋଜନା କରନ୍ତୁ, (ଖ) ଚୟନ କରନ୍ତୁ, (ଗ) ଉପସ୍ଥାପନ କରନ୍ତୁ (ଘ) ବ୍ୟାଖ୍ୟା କରନ୍ତୁ ।

**କ) ଯୋଜନା:** ପ୍ରଶ୍ନନରେ କ'ଣ ପଚରାଯାଉଛି, ଭଲଭାବେ ଭାବି ନିଅନ୍ତୁ । ପ୍ରଶ୍ନପତ୍ରର ବିଭିନ୍ନ ବିଭାଗକୁ ଯତ୍ନସହକାରେ ପଢିନିଅନ୍ତୁ । ଯଦି କିଛି ଅତିରିକ୍ତ ପାଠ୍ୟସାମଗ୍ରୀ ଆବଶ୍ୟକ କରୁଛନ୍ତି, ଏହାକୁ ଲାଇବ୍ରେରୀରେ ପାଇବାକୁ ଚେଷ୍ଟା କରନ୍ତୁ । ପ୍ରଶ୍ନଟି କେତେ ଶବ୍ଦର ଉତ୍ତର ପାଇଁ ଉଦ୍ଦିଷ୍ଟ ଦେଖନ୍ତୁ (୧) ୫୦୦ଶବ୍ଦ କିମ୍ବା (୨) ୨୫୦ ଶବ୍ଦ କିମ୍ବା (୩) ୧୦୦ଶବ୍ଦ । ପ୍ରଥମ ଓ ଦ୍ୱିତୀୟଟି ପାଇଁ ମନ୍ତବ୍ୟ ସହିତ ଆପଣଙ୍କୁ

ବର୍ଣ୍ଣନା କରିବାକୁ ହେବ । ତୃତୀୟଟି ପାଇଁ ଆପଣଙ୍କୁ ଆବଶ୍ୟକ ତଥ୍ୟ ନେଇ ଏବଂ ତାହାକୁ ସଂକ୍ଷେପରେ ସଜାଇବାକୁ ହେବ ।

ଖ) **ଚୟନ :** ପ୍ରଶ୍ନର ଉତ୍ତର ପାଇଁ ଆପଣଙ୍କ ପାଠ୍ୟସାମଗ୍ରୀରୁ ଗୁରୁତ୍ୱପୂର୍ଣ୍ଣ ପାଠକୁ ଚୟନ କରିବାକୁ ହେବ । ଏଥିପାଇଁ

(୧) ପ୍ରାସଙ୍ଗିକ ସାମଗ୍ରିକୁ ଟିପିରଖନ୍ତୁ ।

(୨) ସେଗୁଡ଼ିକୁ ଭଲଭାବେ ନିରୀକ୍ଷଣ କରନ୍ତୁ । ଯେଉଁ ସୂଚନା ପ୍ରଶ୍ନର ଉତ୍ତର ସମ୍ପର୍କିତ ନୁହେଁ, ସେଗୁଡ଼ିକୁ ବାଦ୍ ଦିଅନ୍ତୁ ।

(୩) ଏକ ପ୍ରଥମ ଚିଠା ପ୍ରସ୍ତୁ କରନ୍ତୁ । ଏଥିରୁ ଆପଣ ଜାଣିପାରିବେ କେଉଁ ତଥ୍ୟକୁ ଆପଣ ଉଲ୍ଲେଖ କରିବାକୁ ଚାହୁଁଛନ୍ତି ବା ବାଦ୍‌ଦେବାକୁ ଚାହୁଁଛନ୍ତି । ଆପଣଙ୍କ ଯୋଜନାକୁ ଏକ ବାସ୍ତବ ରୂପ ଦେବାରେ ଏହା ସହାୟକ ହେବ ।

ଗ) **ଉପସ୍ଥାପନ:** ବର୍ତ୍ତମାନ ଏକ ଦ୍ୱିତୀୟ ଚିଠା ପ୍ରସ୍ତୁତ କରନ୍ତୁ, ଆପଣଙ୍କ ଚିନ୍ତାଧାରାକୁ ତୀକ୍ଷ୍ଣ ଓ ସ୍ପଷ୍ଟଭାବେ ଉଲ୍ଲେଖ କରିବାପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଆପଣ ଏକ ଧାରଣା ପାଇବେ ଯେ ସୀମିତ ଶବ୍ଦ ମଧ୍ୟରେ ଆପଣ କ'ଣ କରିବାକୁ ଚାହାଁନ୍ତି ।

ଏକ ତୃତୀୟ ତଥା ଚୂଡ଼ାନ୍ତ ଚିଠା ପ୍ରସ୍ତୁତ କରନ୍ତୁ । ସୀମିତ ଶବ୍ଦ ମଧ୍ୟରେ ଆପଣ କଣ କହିବାକୁ ଚାହାଁନ୍ତି, ତାହା ସେଥିରେ ଉଲ୍ଲେଖ କରିଛନ୍ତି କିମ୍ବା କରିନାହାଁନ୍ତି, ତାହା ଆପଣ ଦେଖିପାରିବେ ।

ଘ) **ବ୍ୟାଖ୍ୟା:** ଲେଖାରେ ବ୍ୟାଖ୍ୟା କରିବା ଏକ ସ୍ଥିର ପ୍ରକ୍ରିୟା । ଆପଣଙ୍କ ଯୋଜନା ଓ ଚୟନରେ ଏହା ପ୍ରତିଫଳିତ ହୋଇସାରିଥାଏ । 'ହୁଏତ', 'କାରଣ', 'ହୋଇପାରେ' ଇତ୍ୟାଦି ବାକ୍ୟାଂଶ ସହିତ ବିସ୍ମୟ ସୂଚକ ମନ୍ତବ୍ୟ ବ୍ୟାଖ୍ୟାର ଉପାଦାନଭାବେ ରହିଥାଏ । କିନ୍ତୁ ଏଠାରେ ଆପଣ ଯତ୍ନଶୀଳ ହେବେ ଯେଭଳି ବାକ୍ୟାଂଶଗୁଡ଼ିକ ଉତ୍ତର ସହିତ ମିଶୁଥିବ ।

**ଟିପ୍ପଣୀ:** ସମୟ ଅଭାବ କ୍ଷେତ୍ରରେ

(୧) ଏକ ରଫ୍ ଚିଠା (ଉତ୍ତର ପ୍ରସ୍ତୁତ କରନ୍ତୁ ଯେଭଳି ଆପଣ କିଛି ଛାଡ଼ି ଯାଇନାହାଁନ୍ତି) ଏବଂ

(୨) ଚୂଡ଼ାନ୍ତ ଚିଠା (ଉତ୍ତର ଲେଖନ୍ତୁ)

ବର୍ତ୍ତମାନ ଆମ ବିଶ୍ୱାସ, ଆପଣ ପ୍ରଶ୍ନନର ଉତ୍ତରଗୁଡ଼ିକ ଦେବାପାଇଁ ପ୍ରସ୍ତୁତ ।

# ମାନବତା ଓ ସାମାଜିକ ବିଜ୍ଞାନର ଆଧାର ପାଠ୍ୟକ୍ରମ

## ଶିକ୍ଷକ ମୂଲ୍ୟାଙ୍କିତ ପ୍ରଦତ୍ତ କାର୍ଯ୍ୟ

Course Code-BSHF-101

Assignment Code :ASST/TMA/2016-17

ପୂର୍ଣ୍ଣ ସଂଖ୍ୟା-100

ଦ୍ରଷ୍ଟବ୍ୟ : ପ୍ରତ୍ୟେକ ବିଭାଗରେ ନିର୍ଦ୍ଦେଶାବଳୀ ରହିଅଛି ।

### 'କ' ବିଭାଗ (ବର୍ଣ୍ଣନାତ୍ମକ ପ୍ରଶ୍ନ)

ଯେ କୌଣସି ଦୁଇଟିର ପ୍ରଶ୍ନର ଉତ୍ତର ପ୍ରତ୍ୟେକ ୫୦୦ଶବ୍ଦ ମଧ୍ୟରେ ଦିଅ ।

୧. ଶିଳ୍ପଭିତ୍ତିକ ଓ ଶିଳ୍ପାୟନ ପରବର୍ତ୍ତୀ ସମାଜ ମଧ୍ୟରେ ସମାନତା ଓ ପ୍ରଭେଦଗୁଡିକ ଦର୍ଶାଅ ।

୨. ଜାତୀୟ ଆନ୍ଦୋଳନରେ ଗାନ୍ଧୀଙ୍କର ଭୂମିକା ଆଲୋଚନା କରନ୍ତୁ ।

୩ ବାଳ ଅପରାଧ ବିଚାର ଆଇନ୍ ଏହାର ଉଦ୍ଦେଶ୍ୟ ସାଧନ କରିଅଛି କି ? ଟିପ୍ପଣୀ ଦିଅନ୍ତୁ ।

୪. ସମସାମୟିକ ସମାଜରେ ଶିକ୍ଷାର କ'ଣ ଭୂମିକା ଅଛି ? ଆଲୋଚନା କରନ୍ତୁ ।

### 'ଖ' ବିଭାଗ (ନମୂନାମୂଳକ ପ୍ରଶ୍ନ)

ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକ ୨୫୦ଶବ୍ଦ ମଧ୍ୟରେ ଦିଅନ୍ତୁ ।

୫. ପ୍ରଶାସନିକ ସଂସ୍ଥାଗୁଡିକରେ ଯୋଗାଯୋଗ ବ୍ୟବସ୍ଥାର ଭୂମିକା କ'ଣ ? ଆଲୋଚନା କରନ୍ତୁ ?

୬. 'ପୁର୍ନଜାଗରଣ' ଶବ୍ଦର ଅର୍ଥ ଆପଣ କଣ ବୁଝନ୍ତି ?

୭. ଭାରତୀୟ ଅର୍ଥନୀତିକୁ ଜଗତୀକରଣ ପ୍ରଭାବିତ କରୁଅଛି କି ? ଟିପ୍ପଣୀ ଦିଅନ୍ତୁ ।

୮. ଭାରତରେ ଆଜିର ଦିନରେ ଯୋଜନାର ପ୍ରାସଙ୍ଗିକତା ଅଛି କି ? ଆଲୋଚନା କରନ୍ତୁ ।

୯. ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପରିବେଶଜନିତ ଆହ୍ୱାନଗୁଡିକ କଣ ? ଆଲୋଚନା କରନ୍ତୁ ।

୧୦. ସମାଜକୁ ଆମେ କିଭଳି ଭାବେ ଅଧ୍ୟୟନ କରୁ ? ଆଲୋଚନା କରନ୍ତୁ ।

୧୧. ବର୍ତ୍ତମାନର ବିଶ୍ୱରେ ସଂଘର୍ଷର ପ୍ରକୃତି କିଭଳି ଭାବେ ପରିବର୍ତ୍ତନ ହୋଇଅଛି ? ସଂକ୍ଷେପରେ ଆଲୋଚନା କରନ୍ତୁ ।